ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୩ ଡିସେମ୍ବର, ୨୦୨୧



## ମହିଳାଙ୍କୁ ବଳାତ୍କାର, ସମ୍ପର୍କୀୟ ଦେଢ଼ଶୁର ଗିରଫ

ବିଞ୍ଝାରପୁର (ଡି.ଏନ.ଏ.): ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ବିଞ୍ଝାରପୁର ପୋଲିସ ତାଙ୍କ ସମ୍ପର୍କୀୟ ଦେଢ଼ଶୁରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଥାନା ଅଳକୁଣ୍ଡ ଅଞ୍ଚଳର ସମ୍ପୃକ୍ତ ମହିଳା ଶୁକ୍ରବାର ରାତିରେ ତାଙ୍କ ଶିଶୁକନ୍ୟା ସହ ଶୋଇଥିବା ବେଳେ ସମ୍ପର୍କୀୟ ଦେଢ଼ଶୁର ଘରେପଶି ତାଙ୍କୁ ବଳାତ୍କାର କରିଥିଲେ। ଏନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିଥିଲେ। ଘଟଣା ସମ୍ପର୍କରେ ଏକ ମାମଲା ନଂ.୬୪୦/୨୧ ରୁଜୁ ହୋଇଛି।

## ଆଜି କ'ଣ କେଉଁଠି

ଯାଜପୁର

- କେନ୍ଦ୍ରୀୟ ପ୍ରତିନିଧି ଦଳର ଯାଜପୁର ଜିଲାଗସ୍ତ। ପୂର୍ବାହ୍ନ ୧୦ଟା ୩୦ରେ ସର୍କିଟ ହାଉସରେ ଜିଲା ପ୍ରଶାସନ ସହ ଆଲୋଚନା ଓ ପରେ ଦଶରଥପୁର, ବିଞ୍ଝାରପୁର ବ୍ଲକର ବିଭିନ୍ନ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ। ଅପରାହ୍ନରେ ଧର୍ମଶାଳା ଓ ବଡ଼ଚଣା ଗସ୍ତ।

## ସଂକ୍ଷେପରେ

### ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ସପକ୍ଷରେ ଅଣ୍ଟା ଭିଡ଼ିଲେ ଗ୍ରାମବାସୀ

କୁଜଙ୍ଗ,୧୨।୧୨(ଡି.ଏନ.ଏ.): ଏରସମା ବ୍ଲକ ଢିଙ୍କିଆ ଚାରିଦେଶରେ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ତ୍ୱରିତ ପଦକ୍ଷେପ ନେବାକୁ ସରକାର ଓ ପ୍ରଶାସନକୁ ଅଞ୍ଚଳର ଜନସାଧାରଣ ନିବେଦନ କରିଛନ୍ତି। ସେମାନେ ଉଲ୍ଲେଖ କରିଛନ୍ତି, ୨୦୧୩ରୁ ଇଡ୍‌କୋ ଜମି ଅଧିଗ୍ରହଣ କରିବା ପରେ ସେମାନେ ସେମାନଙ୍କ ରୋଜଗାରର ଉତ୍ସ ପାନବରଜ ହରେଇଛନ୍ତି। ସେମାନଙ୍କ ପିଲା ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବାକୁ ବାଧ ହେଉଛନ୍ତି। ତେଣୁ ସରକାର ତୁରନ୍ତ ଜନସାଧାରଣଙ୍କ ପକ୍ଷରୁ ଦିଆଯାଇଥିବା ୧୧ ଦଫା ଦାବି ବିଚାରକୁ ନେଇ ପ୍ରକଳ୍ପ ପ୍ରତିଷ୍ଠା କଲେ ସେମାନଙ୍କ ପିଲା କାରଖାନାରେ କାମ କରି ଜୀବନ ଜୀବିକା ନିର୍ବାହ କରିପାରିବେ। ଏ ନେଇ ରବିବାର ଗୋବିନ୍ଦପୁର ଗ୍ରାମ୍ୟ କମିଟିର ମୁଖ୍ୟ ଅଶୋକ ବର୍ଦ୍ଧନ ମୁଖ୍ୟମନ୍ତ୍ରୀ, ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଜଳ ସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ, ଜଗତ୍‌ସିଂହପୁର ଜିଲାପାଳ ଓ ଏସ୍‌ପିଙ୍କୁ ଜଣାଇଛନ୍ତି।

### ସାମାଜିକ ଗଣମାଧ୍ୟମକୁ ସକ୍ରିୟ ପାଇଁ ଆହ୍ୱାନ

#### ଜିଲା ଭାଜପା କାର୍ଯ୍ୟକାରିଣୀ ବୈଠକ ଶେଷ

କେନ୍ଦ୍ରାପଡ଼ା ଅଫିସ,୧୨।୧୨: କେନ୍ଦ୍ରାପଡ଼ା ଜିଲା ଭାଜପାର ଦୁଇଦିନିଆ କାର୍ଯ୍ୟକାରିଣୀ ବୈଠକ ସହରର ତିନିମୁହାଣିସ୍ଥିତ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ପରିସରରେ ରବିବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ସଭାପତି କିଶୋର ଚନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କର୍ମକର୍ତ୍ତା ଓ କର୍ମୀଙ୍କୁ ସାମାଜିକ ଗଣମାଧମକୁ ସକ୍ରିୟ କରିବାକୁ ଆହ୍ୱାନ ଦିଆଯାଇଥିଲା। ବୈଠକରେ ରାଷ୍ଟ୍ରୀୟ ଅଧକ୍ଷ ତଥା ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଯୋଗଦେଇ ଜିଲାର ବିକାଶ, ସଙ୍ଗଠନକୁ ସୁଦୃଢ଼ କରିବା, ସ୍ଥାନୀୟ ଅଞ୍ଚଳର ସମସ୍ୟାକୁ ଲୋକଲୋଚନକୁ ଆଣି ଏହାର ସମାଧାନ କରିବା ଲକ୍ଷ୍ୟ ବୋଲି ପ୍ରକାଶ କରିଥିଲେ। ଏଥିସହ କେନ୍ଦ୍ର ସରକାରଙ୍କ ଦୀର୍ଘ ୭ ବର୍ଷର ଉପଲବ୍ଧି, ଦେଶ ସୁରକ୍ଷା, ଆତ୍ମନିର୍ଭର ଭାରତ ଆଦିକୁ ସାମାଜିକ ଗଣମାଧମରେ ପ୍ରଚାର ପ୍ରସାର କରିବାକୁ ଆହ୍ୱାନ ଦିଆଯାଇଥିଲା। ସେହିପରି ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ସଙ୍ଗଠନକୁ ମଜଭୁତ କରିବାକୁ ରଣନୀତି ପ୍ରସ୍ତୁତ ହୋଇଥିଲା। ବୈଠକରେ ଜିଲା ପ୍ରଭାରୀ ଡ. ଯତୀନ ମହାନ୍ତି, ବରିଷ୍ଠ ନେତା ଦୋଳଗୋବିନ୍ଦ ନାୟକ, ବିଜୟ ପ୍ରଧାନ, ସୁନାକର ବେହେରା, ବିଷ୍ଣୁ ଦାସ, ମାନସ ମହାନ୍ତି ପ୍ରମୁଖ ଯୋଗଦେଇ ନିଜର ମତ ଉପସ୍ଥାପନ କରିଥିଲେ।

### ଶ୍ରୀଅରବିନ୍ଦଙ୍କ ୧୦ମ ଦେହାବଶେଷ ପ୍ରତିଷ୍ଠା ଉତ୍ସବ

ତିର୍ତ୍ତୋଲ,୧୨।୧୨(ଡି.ଏନ.ଏ.): ତିର୍ତ୍ତୋଲ ପାଳନ୍ଧାସ୍ଥିତ ଅରୋମିରା ଦିବ୍ୟଜ୍ୟୋତି ଆଶ୍ରମରେ ଶ୍ରୀଅରବିନ୍ଦଙ୍କ ୧୦ମ ଦେହାବଶେଷ ପ୍ରତିଷ୍ଠା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଆଶ୍ରମ ଟ୍ରଷ୍ଟି ପ୍ରଭୁପ୍ରସାଦ ଦାସଙ୍କ ତତ୍ତ୍ୱାବଧାନରେ ଆଧାତ୍ମିକ ପତାକା ଉତ୍ତୋଳନ, ଦୀପଧୂପ ପ୍ରଜ୍ୱଳନ, ସାମୂହିକ ଧ୍ୟାନ ଇତ୍ୟାଦି ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ମାତୃ ସଙ୍ଗୀତ ଗାନ କରିଥିଲେ ମୀରା ରାଣୀ ଦାସ। ଆଲୋଚନାଚକ୍ରରେ ମାତୃ ଉପାସକ ବାସୁଦେବ ନାୟକ ପୌରୋହିତ୍ୟ କରିଥିଲେ। ବରିଷ୍ଠ ମାତୃ ସେବକ ଇଓ ହେମନ୍ତ ଦାସ, ଶ୍ରୀମା ପାଠଚକ୍ର ଜିଲା ସମ୍ପାଦକ ସର୍ବେଶ୍ୱର ମହାପାତ୍ର, ଧ୍ରୁବ ଚରଣ ସାହୁ, ଚିତ୍ତରଞ୍ଜନ ସାମଲ, ମନୋଜ ମନୋହାରୀ, ବିକାଶ ପ୍ରଧାନ ଦିବ୍ୟ ପ୍ରବଚନ ପ୍ରଦାନ କରିଥିଲେ। ଏଥିରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

### ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

ରାଜନଗର,୧୨।୧୨(ଡି.ଏନ.ଏ.): ହେଲିକପ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଥିବା ସିଡିଏସ୍ ବିପିନ ରାଓ୍ୱତ, ତାଙ୍କ ସ୍ତ୍ରୀ ମଧୁଳିକା ଓ ୧୧ ଯବାନଙ୍କ ଲାଗି ରାଜନଗରସ୍ଥିତ ଦ ନଲେଜ ସେଣ୍ଟରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଏବଂ ଏନ୍‌ଓ୍ୱାଇକେଏସ୍ ତରଫରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଶିକ୍ଷକ ବୈଲୋଚନ ଦାସ, ମୁଖ୍ୟବକ୍ତା ରାଷ୍ଟ୍ରୀୟ ସ୍ୱଂୟସେବକ ସଂଘ ଜିଲା ପ୍ରମୁଖ ରବୀନ୍ଦ୍ର ସେଠୀ, ଶିକ୍ଷକ ପବିତ୍ର ଦାସ,ଏନ୍‌ଓ୍ୱାଇଭିର ସତ୍ୟପ୍ରକାଶ ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

# ବାଉଁଶ ଲାଠି, ଛିଣ୍ଡା ଚପଲରେ ହକି ଖେଳ

- ଉପକୂଳରେ ହକି ପ୍ରତି ବଢୁଛି ଆଗ୍ରହ
- ଖେଳାଳୀଙ୍କ ପାଇଁ ଉପଯୁକ୍ତ ତାଲିମ ବ୍ୟବସ୍ଥା ନାହିଁ
- କ୍ରୀଡ଼ା ସରଞ୍ଜାମ, ସୁଯୋଗ ଅପେକ୍ଷାରେ ଆଦିବାସୀ ଯୁବକ

ମହାକାଳପଡ଼ା,୧୨।୧୨(ଡି.ଏନ.ଏ.)

ହକି ଖେଳ ପ୍ରତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି। ହକିକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ବିଶ୍ୱକପ୍ ହକି ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼ରେ ଏକ ବିଶ୍ୱସ୍ତରୀୟ ହକି ଷ୍ଟାଡ଼ିୟମ ନିର୍ମାଣ ଚାଲିଛି। ଏହି ପରିପ୍ରେକ୍ଷୀରେ ଗ୍ରାମାଞ୍ଚଳରେ ଏହି ଖେଳ ପ୍ରତି ଆଗ୍ରହ ବଢୁଛି। ବିଶେଷ କରି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଉପକୂଳ ପେଟଛେଲା ପଞ୍ଚାୟତ ଲୁଣିମାଠିଆ ଆଦିବାସୀପଡ଼ାର ଯୁବକମାନେ ଏହି ଖେଳରେ ବହୁମାତ୍ରାରେ ସାମିଲ ହୋଇଛନ୍ତି। ହେଲେ ସେମାନଙ୍କ ପାଖରେ ହକି ଷ୍ଟିକ୍ ନାହିଁ କି ବଲ୍। ସେମାନଙ୍କୁ ଉପଯୁକ୍ତ ତାଲିମ୍ ଦେବାକୁ କେହି ନ ଥିବା ବେଳେ ଖେଳ ପଡ଼ିଆର ବି ଅଭାବ ରହିଛି। ତଥାପି ସେମାନେ ପଛଘୁଞ୍ଚା ଦେଇ ନାହାନ୍ତି। ବାଉଁଶ ଲାଠି ତାଙ୍କ ପାଇଁ ହକି ଷ୍ଟିକ୍ ସାଜିଛି। ପୁରୁଣା ରବର ଚପଲକୁ କାଟି ବଲ ଭାବେ


ଲୁଣୀମାଠିଆ ଆଦିବାସୀ ପଡ଼ିଆରେ ଅଭ୍ୟାସ ରତ ହକି ଖେଳାଳି।

ବ୍ୟବହାର କରୁଛନ୍ତି। ନିଜ ଗାଁ ଆଦିବାସୀ ପଡ଼ିଆରେ ପ୍ରତିଦିନ ଚାଲିଛି ହକି ଖେଳ। ଆନନ୍ଦ ମାଝି, ବିଶାଳ ମାଝି, ମହେଶ ହାଁସଦା, ରାଜୁ ମାଝି, ଶିବ ମାଝି, ଅନିଲ ମାଝି, ଅନିଲ ବାସ୍କେ, ସୌମେନ୍ଦ୍ର ସୋରେନ ପ୍ରମୁଖ ଖେଳାଳୀ କହିଛନ୍ତି, ହକି ଖେଳ ପ୍ରତି ଆମର ଆଗ୍ରହ ଅଛି। କିନ୍ତୁ ଉପଯୁକ୍ତ ତାଲିମ ମିଳୁନି, ଖେଳ ସାମଗ୍ରୀ, ପୋଷାକ ଓ ପ୍ରୋତ୍ସାହନ ଅଭାବ ଯୋଗୁ ଆମେ ପଛରେ ରହିଯାଇଛୁ। ଯଦି ରାଜ୍ୟ ସରକାର ଲୁଣିମାଠିଆ ଆଦିବାସୀପଡ଼ାର ହକି ଖେଳାଳିଙ୍କୁ ଉପଯୁକ୍ତ ପ୍ରୋତ୍ସାହନ ଯୋଗାଇ ଦେବେ ସେମାନେ ଆଉ କିଛି ବର୍ଷ ପରେ ରାଜ୍ୟ ଓ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପଛାଇବେ ନାହିଁ। ଗାଁର କେତେଜଣ ଅନୁସୂଚିତ ଜନଜାତି ଯୁବକ ଆର୍ଥିକ ଅନଟନ ଯୋଗୁ ଏହି ଖେଳଠାରୁ ଦୂରେର ରହିଛନ୍ତି। ହକି ପ୍ରତି ସେମାନଙ୍କ ଆଗ୍ରହ ଥିଲେ ମଧ୍ୟ ଘରର ଆର୍ଥିକ ସ୍ଥିତି ସେମାନଙ୍କୁ ଅନ୍ୟତ୍ର ଯାଇ କାମ କରିବାକୁ ବାଧ୍ୟ କରିଛି। ସେହି ପ୍ରତିଭାବାନ ହକି ଖେଳାଳୀଙ୍କୁ ସରକାରୀ ଓ ବେସରକାରୀସ୍ତରରେ ସହାୟତା ମିଳିଲେ ସେମାନେ ଓଡ଼ିଶାର ସୁନାମ ଆଣି ପାରିବେ ବୋଲି ସାମାଜିକ କର୍ମୀ ସୁବାସ ସ୍ୱାଇଁ, ବିରଞ୍ଚି ନାରାୟଣ ଦାସ, ଲକ୍ଷ୍ମୀଧର ସ୍ୱାଇଁ ପ୍ରମୁଖ କହିଛନ୍ତି।

## ନିଶାସକ୍ତ ଯୁବତୀଙ୍କ ଉନ୍ମତ୍ତ କାଣ୍ଡ

ପଟ୍ଟାମୁଣ୍ଡାଇ,୧୨।୧୨(ସ୍ୱ.ପ୍ର.)

ଶନିବାର ରାତିରେ ଜଣେ ନିଶାସକ୍ତ ଯୁବତୀଙ୍କ ଉନ୍ମତକାଣ୍ଡ ପଟ୍ଟାମୁଣ୍ଡାଇ ସହରରେ ଚର୍ଚ୍ଚାର ବିଷୟ ହୋଇଛି। ଯୁବତୀ ଜଣକ ପୁରୁଷ ପୋଷାକ ପିନ୍ଧି ଦିନତମାମ ସହରରେ ଏଣେତେଣେ ଘୁରି ବୁଲୁଥିଲେ। ରାତିରେ ନିଶାସକ୍ତ ଅବସ୍ଥାରେ ସହରରେ ପାଟିତୁଣ୍ଡ କରିଥିଲେ। ସଂପୃକ୍ତା ଯୁବତୀଙ୍କ ପାଟିରୁ ଅନର୍ଗଳ ଯାତ୍ରା ସଂଳାପ ବାହାରୁଥିଲା। ବେଳେବେଳେ ଯୁବତୀ ଜଣକ କାନ୍ଦୁଥିବା ଦେଖିବାକୁ ମିଳୁଥିଲା। ମୁଁ ସମାଜସେବା କରୁଛି। ମୋର ରୋଜଗାର ଅର୍ଥ ଗରିବଙ୍କୁ ବାଣ୍ଟୁଛି ବୋଲି ସେ କହୁଥିଲେ। ମୁଁ ମଦ ପିଇଛି, ତଥାପି ନିଜକୁ କଣ୍ଟ୍ରୋଲରେ ରଖିଛି ବୋଲି ସଫେଇ ଦେଉଥିଲେ। ଖବରପାଇ ପଟ୍ଟାମୁଣ୍ଡାଇ ଆଇଆଇସି ତପନ କୁମାର ରାଉତ ଯୁବତୀଙ୍କୁ ଥାନାରେ ଅଟକ ରଖିବା ସହିତ ତାଙ୍କ ପରିଚୟ ସମ୍ପର୍କରେ ବୁଝିଥିଲେ। ସମ୍ପୃକ୍ତା ଯୁବତୀ କେନ୍ଦ୍ରାପଡ଼ା ଆୟେବା ଅଞ୍ଚଳର ଜଣାପଡିବା ପରେ ପୋଲିସ ତାଙ୍କ ପରିବାର ଲୋକଙ୍କୁ ଖବର ଦେବା ସହିତ ଡାକ୍ତରୀ ମାଇନା କରାଇଥିଲେ। ପରେ ସଂପୃକ୍ତା ଯୁବତୀଙ୍କୁ ପୋଲିସ ତାଙ୍କ ପରିବାର ଲୋକଙ୍କ ଜିମାରେ ଛାଡ଼ି ଦେଇଥିଲେ।

# ଲେଖିକା, ଲେଖକ ସୃଷ୍ଟିରେ ସହାୟକ ହୋଇଛି ଗୋକର୍ଣ୍ଣିକା


ଅତିଥିଙ୍କ ଦ୍ୱାରା କବି ନିତ୍ୟାନନ୍ଦ ନାୟକଙ୍କୁ ପୁରସ୍କୃତ କରାଯାଉଛି।

ଧର୍ମଶାଳା,୧୨।୧୨(ଡି.ଏନ.ଏ.)

### ଗୋକର୍ଣ୍ଣିକା ସାହିତ୍ୟ ସମାଜର ୪୭ତମ ସମାବର୍ତ୍ତନ ଉତ୍ସବ

ଗୋକର୍ଣ୍ଣିକା ସାହିତ୍ୟ ସମାଜର ୪୭ତମ ସମାବର୍ତ୍ତନ ଉତ୍ସବ, ଗୋକର୍ଣ୍ଣିକା ପୁରସ୍କାର, ପ୍ରାବନ୍ଧିକ ବୈକୁଣ୍ଠନାଥ ରଥ ସ୍ମୃତି ପୁରସ୍କାର, ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ଶିଶୁ ସାହିତ୍ୟ ପୁରସ୍କାର ଓ ପୁସ୍ତକ ଉନ୍ମୋଚନ ଉତ୍ସବ ଧର୍ମଶାଳା ବ୍ଲକ ଜାରକାସ୍ଥିତ ସିଭିକ୍ ସେଣ୍ଟରଠାରେ ରବିବାର ଅନୁଷ୍ଠାନ ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ଲୋକସେବକ ମଣ୍ଡଳ ଉପସଭାପତି ତଥା ସମାଜର ପ୍ରକାଶକ ନିରଞ୍ଜନ ରଥ ଉଦ୍‌ଘାଟନ କରି କହିଥିଲେ, ଏହି ଅନୁଷ୍ଠାନ ବହୁ ନୂତନ ଲେଖିକା ଓ ଲେଖକ ସୃଷ୍ଟି କରିବାରେ ସହାୟକ ହୋଇଛି। ସଭାପତିଙ୍କ ଉଦ୍ୟମକ୍ରମେ ଏହି ଅନୁଷ୍ଠାନ ସାହିତ୍ୟ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରି ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛି। ଅତିଥି ଭାବେ ଶିଶୁ ସାହିତ୍ୟ ସ୍ରଷ୍ଟା ଡ. ମନୋରମା ବିଶ୍ୱାଳ ମହାପାତ୍ର ଯୋଗଦେଇ ଗୋକର୍ଣ୍ଣିକ ସାହିତ୍ୟ ସମାଜର ଭୂମିକାକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଅତିଥି ଗୋକର୍ଣ୍ଣିକା ପତ୍ରିକା ଓ ସ୍ମରଣିକା, ଡ. ପୁରୁଷୋତ୍ତମ ବିଶ୍ୱାଳଙ୍କ ଗଳ୍ପ ବୈଭବ, ପୁଣ୍ୟ ଗୋଦାବରୀ ତୀରେ, ସ୍ନେହଲତା ବିଶ୍ୱାଳଙ୍କ କଥା କୋଥଳି, ଡ. ରବୀନ୍ଦ୍ର ବିହାରୀଙ୍କ ଗଛ ଉବାଚ, ବିଦ୍ୟାଧର ଦାସଙ୍କ ବ୍ୟାସ ସରୋବର ଐତିହ୍ୟ ଓ ପରମ୍ପରା ପୁସ୍ତକକୁ ଉନ୍ମୋଚନ କରିଥିଲେ।

କବି ନିତ୍ୟାନନ୍ଦ ନାୟକଙ୍କୁ ଗୋକର୍ଣ୍ଣିକା ପୁରସ୍କାର, ପ୍ରଫେସର ସମର ମୁଦୁଲି, ପ୍ରଫେସର ଡ. ସନ୍ତୋଷ ତ୍ରିପାଠୀ, କବି ରକ୍ଷକ ନାୟକ, କବି ମନୋଜ ମହାନ୍ତି, କବି ଆର୍ତ୍ତତ୍ରାଣ ମହାପାତ୍ର ଓ କବି ରାମଚନ୍ଦ୍ର ଦାସଙ୍କୁ ବିଭିନ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଖବରଦାତା ପ୍ରାଚୀ ମହାପାତ୍ର, ଗାଳ୍ପିକ କେଶବ ଚନ୍ଦ୍ର ରାଉତରାୟ, କଥାକାର ସୁଜାତା ମହାପାତ୍ର, ବାଗ୍ମୀ ମହେନ୍ଦ୍ର ନାୟକ, ନାଟ୍ୟକାର ଡ. ବିଧୁଭୂଷଣ ପଣ୍ଡା, ଲେଖିକା ଡ.ଦୀପ୍ତିମୟୀ ବେହେରା, କବି ସୁବ୍ରତ ଦାସ, ଶିକ୍ଷାବିତ ଯୁଗପ୍ରଭା ସାବତ ଓ କବି ଦୀନବନ୍ଧୁ ପଣ୍ଡା ପ୍ରମୁଖଙ୍କୁ ୨୦୨୧ ମସିହା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଫେସର ଡ. ମନୋରଞ୍ଜନ ପ୍ରଧାନଙ୍କୁ ବୈକୁଣ୍ଠନାଥ ସ୍ମୃତି ପୁରସ୍କାର ଓ ଡ. ସନ୍ତୋଷ ମହାପାତ୍ରଙ୍କୁ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ରବୀନ୍ଦ୍ରନାଥ ମାଝିଙ୍କୁ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ଶିଶୁ ସାହିତ୍ୟ ପୁରସ୍କାର ଓ ପ୍ରଶାନ୍ତ ସାହୁଙ୍କୁ ଶିଶୁ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଭା ପ୍ରାରମ୍ଭରେ ସିଡିଏସ୍ ବିପିନ ରାଓ୍ୱତ୍ ଓ ଅନ୍ୟମାନଙ୍କ ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ମାଧୁରୀ ଶତପଥୀ ଶ୍ଳୋକ ଆବୃତ୍ତି କରିଥିଲେ। ଉପସଭାପତି ମିନତି ସାହୁ ଅତିଥିଙ୍କୁ ସ୍ୱାଗତ ଜଣାଇଥିବା ବେଳେ ଡ. ତୁହିନାଂଶୁ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ହୃଷୀକେଶ ସାମଲ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ନାରାୟଣ ନନ୍ଦ ଧନ୍ୟବାଦ ଦେଇଥିଲେ।

## ମହିଳାଙ୍କୁ ପୁରୀ ବୁଲାଇ ନେଇଥିବା ଯୁବକ ଗିରଫ

ପଟ୍ଟାମୁଣ୍ଡାଇ୧୨।୧୨(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ଥାନା ଚନ୍ଦନନଗର ଅଞ୍ଚଳର ଜଣେ ମହିଳାଙ୍କୁ ରାଜନଗର ଥାନା ଅଞ୍ଚଳର ଜଣେ ବିବାହିତ ଯୁବକ ପୁରୀ ବୁଲାଇ ନେବା ବିବାଦ ସୃଷ୍ଟି କରିଛି। ଏ ସଂକ୍ରାନ୍ତରେ ଅଭିଯୋଗ ପରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ସୂଚନା ଅନୁଯାୟୀ, ପଟ୍ଟାମୁଣ୍ଡାଇ ଥାନା ଅଧୀନ ଚନ୍ଦନନଗର ଅଞ୍ଚଳର ଜଣେ ମହିଳାଙ୍କ ରାଜନଗର ଅଞ୍ଚଳରେ ବିବାହ ହୋଇଥିଲା। ଉକ୍ତ ମହିଳାଙ୍କ ୪ ସନ୍ତାନ ଅଛନ୍ତି। ହେଲେ ସମ୍ପୃକ୍ତ ମହିଳାଙ୍କ ସହିତ ରାଜନଗର ଅଞ୍ଚଳର ଯୁବକଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟଙ୍କ ମଧ୍ୟରେ ପ୍ରେମ ଚାଲିଥିଲା। ଗତ ସପ୍ତାହରେ ଉକ୍ତ ମହିଳା ଚନ୍ଦନନଗର ଅଞ୍ଚଳରେ ଥିବା ତାଙ୍କ ବାପଘରକୁ ଆସିଥିଲେ। ଏହାର ସୁଯୋଗ ନେଇ ସମ୍ପୃକ୍ତ ଯୁବକ ମହିଳାଙ୍କ ଶାଶୁଘର ସମ୍ପର୍କୀୟ ବୋଲି ପରିଚୟ ଦେଇ ତାଙ୍କୁ ପୁରୀ ବୁଲିବାକୁ ନେଇଥିଲେ। ପୁରୀରେ ୨/୩ ଦିନ ରହିବା ପରେ ଉଭୟ ପଟ୍ଟାମୁଣ୍ଡାଇ ଫେରିଥିଲେ। ହେଲେ ଇତିମଧ୍ୟରେ ମହିଳାଙ୍କ ବାପଘର ଓ ଶାଶୁଘର ଲୋକେ ସେମାନଙ୍କ ପ୍ରେମ ସମ୍ପର୍କ ବିଷୟରେ ଜାଣିପାରିଥିଲେ। ଉଭୟ ପରିବାର ଏ ନେଇ ଖୋଳତାଡ ଆରମ୍ଭ କରିଥିଲେ। ଶେଷରେ ମହିଳାଙ୍କୁ ବାପ ଘରେ ସ୍ଥାନ ମିଳି ନ ଥିଲା। ଶାଶୁ ଘର ଲୋକେ ବି ତାଙ୍କୁ ଘରେ ପୁରାଇ ନ ଥିଲେ। ମହିଳା ଜଣକ ଚାଲାଖି କରି ମୋତେ ସମ୍ପୃକ୍ତ ଯୁବକ ଭୁଲାଇ ପୁରୀ ନେଇଥିଲେ। ସେଠାରେ ଅଶାଳୀନ ବ୍ୟବହାର କରିଥିବା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.୬୯୨/୨୧) ରୁଜୁ କରି ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ନିଯୁକ୍ତି ଦାବିରେ ଆନ୍ଦୋଳନ ଡାକରା

କୁଜଙ୍ଗ,୧୨।୧୨(ଡି.ଏନ.ଏ.)

ପାରାଦୀପ ତୈଳ ବିଶୋଧନାଗାର ପ୍ରକଳ୍ପ ପାଇଁ କୁଜଙ୍ଗ ଅଞ୍ଚଳର ଜମି ହରାଇଥିବା ପରିବାର ୭ ବର୍ଷ ହେଲା ନିଯୁକ୍ତି ଦାବି କରି ଆସୁଥିଲେ ବି ପ୍ରକଳ୍ପ କର୍ତ୍ତୃପକ୍ଷ ଓ ପ୍ରଶାସନ କର୍ଣ୍ଣପାତ କରୁନାହାନ୍ତି। ଏ ନେଇ ବହୁବାର ଭୂମିହରା, କମ୍ପାନୀ କର୍ତ୍ତୃପକ୍ଷ ଓ ପ୍ରଶାସନ ମଧ୍ୟରେ ନିଯୁକ୍ତି ଦେବା ନେଇ ତ୍ରିପାକ୍ଷିକ ଚୁକ୍ତି ହୋଇଥିଲେ ମଧ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ। ଭୂମିହରା କୃଷକ ଏକତା ମଞ୍ଚ ଜୁନ୍ ୨୪ରୁ ଜୁଲାଇ ୧୮ ପର୍ଯ୍ୟନ୍ତ ଦୀର୍ଘ ୨୫ଦିନ ଧାରଣାରେ ବସିଥିଲା ବେଳେ ପାରାଦୀପ ଅତିରିକ୍ତ ଜିଲାପାଳଙ୍କ ମଧ୍ୟସ୍ଥତାରେ ଏକ ତ୍ରିପାକ୍ଷିକ ଆଲୋଚନା କରାଯାଇଥିଲା। ପରେ ୫୦ଜଣ ପିଲାଙ୍କୁ ନିଯୁକ୍ତି ସହ ଆସୁଥିବା ପିପି ପ୍ରୋଜେକ୍ଟଗୁଡିକରେ ଜମିହରାଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦିଆଯିବ ବୋଲି ମେମୋ ନଂ.୧୦୨୯ରେ ଉଲ୍ଲେଖ କରାଯାଇଥିଲା। ଆଇଓସିଏଲ ପ୍ରକଳ୍ପରେ ଏଲ୍‌ଆଣ୍ଡଟି ଭଳି ମେଗା ପ୍ରୋଜେକ୍ଟର କାମ ସରିବାକୁ ବସିଥିବା ବେଳେ ନିଯୁକ୍ତିର ନାଁ ଗନ୍ଧନାହିଁ। ଅନ୍ୟପକ୍ଷରେ ପିପି ପ୍ରୋଜେକ୍ଟ ଓ ଅନ୍ୟାନ୍ୟ କମ୍ପାନୀଗୁଡିକରେ ନିଯୁକ୍ତି ଚାଲିଥିଲେ ବି ଜମିହରା ପରିବାର ନିଯୁକ୍ତି ପାଇ ପାରୁନାହାନ୍ତି। ଯାହାକୁ ନେଇ ନଭେମ୍ବର ୩୦ରେ ଆଇଓସିଏଲ୍ କର୍ତ୍ତୃପକ୍ଷଙ୍କୁ ମଞ୍ଚ ପକ୍ଷରୁ ଡିସେମ୍ବର ୪ରୁ ଆନ୍ଦୋଳନ ଚାଲୁ ରଖିବାକୁ ଜଣାଇ ଦିଆଯାଇଥିଲା। ମାତ୍ର ବାତ୍ୟା ଯୋଗୁ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିଲା। ଉକ୍ତ ଚିଠି ଆଧାରରେ ଆସନ୍ତା ୧୪ ତାରିଖଠାରୁ ଭୂମିହରା କୃଷକ ଏକତା ମଞ୍ଚ ଆଇଓସିଏଲ୍ ପ୍ରଶାସନିକ ଭବନ ସମ୍ମୁଖରେ ଆନ୍ଦୋଳନ ଆରମ୍ଭ କରିବ। ମଞ୍ଚ ସଭାପତି ରବୀନ୍ଦ୍ର ମାଝି, ରବୀନ୍ଦ୍ର ମହାପାତ୍ର, ସୁବାସ ମହାପାତ୍ର, ମଞ୍ଚର ସମ୍ପାଦକ ସର୍ବେଶ୍ୱର ସ୍ୱାଇଁ ପ୍ରମୁଖ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଏହା ଜଣାଇଛନ୍ତି।

## କଂଗ୍ରେସ ପକ୍ଷରୁ ବିକ୍ଷୋଭ, ପ୍ରତିବାଦ ସଭା


କଂଗ୍ରେସ ପକ୍ଷରୁ ଥାନା ଆଇଆଇସିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଆଳି,୧୨।୧୨(ଡି.ଏନ.ଏ.)

ଶିକ୍ଷୟିତ୍ରୀ ମମିତା ମେହେରଙ୍କୁ ନ୍ୟାୟ ଦେବା ଉଦ୍ଦେଶ୍ୟରେ ଶୁକ୍ରବାର ଭୁବନେଶ୍ୱରରେ ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ହେଲେ ପୋଲିସ କଂଗ୍ରେସ ଭବନରେ ପଶି ଭଙ୍ଗାରୁଜା କରିବା ସହ କର୍ମୀମାନଙ୍କୁ ଆକ୍ରୋଶମୂଳକ ଭାବେ ଆକ୍ରମଣ କରି ଲହୁଲୁହାଣ କରିଥିଲା। ପୋଲିସର ଏପରି କାର୍ଯ୍ୟାନୁଷ୍ଠାନର ନିରପେକ୍ଷ ତଦନ୍ତ ଦାବି କରି କଂଗ୍ରେସ ପକ୍ଷରୁ ରବିବାର ଆଳି ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହିତ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆଳି ଥାନା ଆଇଆଇସିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଦାବିପତ୍ର ପ୍ରଦାନ ସମୟରେ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ବ୍ଲକ ସଭାପତି ରବି ନାରାୟଣ ବେହେରା,ସତ୍ୟପ୍ରିୟ ସାମଲ, ରାଜମୋହନ ସ୍ୱାଇଁ ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ୧୪ରେ ମୁଖ୍ୟମନ୍ତ୍ରୀ ବାଣ୍ଟିବେ ବିଏସ୍‌କେୱାଇ କାର୍ଡ

ଜଗତ୍‌ସିଂହପୁର ଅଫିସ, ୧୨।୧୨

ଜଗତ୍‌ସିଂହପୁର ଜିଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ନୂଆ ସ୍ମାର୍ଟ କାର୍ଡ ବଣ୍ଟନର ଶୁଭାରମ୍ଭ ଆସନ୍ତା ୧୪ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିବେ। ଆଭାସୀ ମାଧ୍ୟମରେ ହେବାକୁ ଥିବା କାର୍ଯ୍ୟକ୍ରମରେ ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ ମଧ ହେବ। ସ୍ମାର୍ଟ କାର୍ଡ ବଣ୍ଟନ ହେଲେ ଜିଲାର ୨,୩୮,୬୧୪ ପରିବାରର ୮,୭୭,୦୬୯ ହିତାଧିକାରୀ ଉପକୃତ ହୋଇପାରିବେ। ପରିବାରର ସବୁ ସଦସ୍ୟଙ୍କ ପାଇଁ ବର୍ଷକୁ ୫ ଲକ୍ଷ ଓ ମହିଳାଙ୍କ ପାଇଁ ବର୍ଷକୁ ୧୦ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ମିଳିପାରିବ। ଜିଲା ପାଇଁ ବିଏସ୍‌କେୱାଇରେ ୪୫ଟି ସରକାରୀ ଚିକିତ୍ସାଳୟ ଓ ୯ଟି ବେସରକାରୀ ଚିକିତ୍ସାଳୟ ପଞ୍ଜୀକୃତ ହୋଇଛି। ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀ ୫୧.୬୭ କୋଟି ଟଙ୍କା ବିନିମୟରେ ଜିଲାରେ ବିଭିନ୍ନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ସହ ୭୪୨.୪୫ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବା କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମ ଜିଲାପାଳଙ୍କ କାର୍ଯ୍ୟାଳୟ ପଡିଆରେ ଆଭାସୀ ମାଧ୍ୟମରେ ହେବ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

## କୁରାଳ ପଞ୍ଚମୀ ଉତ୍ସବ ଉଦ୍‌ଯାପିତ

ରସୁଲପୁର,୧୨।୧୨(ଡି.ଏନ.ଏ.)

ରସୁଲପୁର ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ କୁମ୍ଭକାର ସମ୍ପ୍ରଦାୟଙ୍କ କୁରାଳ ପଞ୍ଚମୀ ଉତ୍ସବ ପାଳିତ ହୋଇଯାଇଛି। ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ଇଚ୍ଛାପୁର ଗ୍ରାମରେ ଏହି ପର୍ବ ୫ଦିନ ପାଳିତ ହୋଇ ଦଶମୀ ତିଥିରେ ଠାକୁରଙ୍କ ବିସର୍ଜନ ହୋଇଛି। ପ୍ରତ୍ୟହ ଘରେ ଶୁଦ୍ଧପୂତ ଭାବରେ ପୂଜା କରାଯାଇଥିଲା। ପୂର୍ବବର୍ଷ ଭଳି ଚଳିତ ବର୍ଷ ସମ୍ପ୍ରଦାୟଙ୍କ ସାହି ଠାକୁର ଘରେ କୁଳ ଦେବତା ପ୍ରଭୁ ଚତୁର୍ଦ୍ଧାମୂର୍ତ୍ତି ଓ ଲକ୍ଷ୍ମୀନାରାୟଣଙ୍କୁ ପୂଜା କରାଯାଇଥିଲା। ଆଳତିସମୟରେ ମହିଳାଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଏଥିସହିତ ବ୍ଲକ ଅଞ୍ଚଳର ହାଟ ସିଂହାପୁର, କୁଲୁଗାଁ, ପ୍ରଥମାଖଣ୍ଡି ଆଦି ସ୍ଥାନରେ ଏହି ପର୍ବ ପାଳନ କରାଯାଇଛି। ସୋମବାର ଭସାଣି ଉତ୍ସବ ଅନୁଷ୍ଠିତ ହେବ।

## ୧୪ରେ ଏସ୍‌ପି ଅଫିସ ଘେରାଉ

ଯାଜପୁର ଟାଉନ,୧୨।୧୨(ଡି.ଏନ.ଏ.)

ଭୁବନେଶ୍ୱରରେ ରାଜ୍ୟ ଛାତ୍ର କଂଗ୍ରେସ ପକ୍ଷରୁ ଆୟୋଜିତ ବିକ୍ଷୋଭ ବେଳେ ପୋଲିସର ଅମାନବୀୟ ଲାଠିଚାର୍ଜ, କଂଗ୍ରେସ ଭବନରେ ପଶି ଛାତ୍ର, ଯୁବକ ଏବଂ କର୍ମୀଙ୍କୁ ଲାଠିମାଡ଼ ଓ ଆକ୍ରମଣ ପରିପ୍ରେକ୍ଷୀରେ କଂଗ୍ରେସ ପକ୍ଷରୁ ଆସନ୍ତା ୧୪ରେ ପାଣିକୋଇଲିସ୍ଥିତ ଏସ୍‌ପି ଅଫିସ ଘେରାଉ କରାଯିବାକୁ ସ୍ଥିର କରାଯାଇଛି। କାର୍ଯ୍ୟକ୍ରମରେ ଯାଜପୁର ଜିଲାର ସମସ୍ତ ବ୍ଲକ୍ କଂଗ୍ରେସ କମିଟି ସଭାପତି, ପଞ୍ଚାୟତ ସଭାପତି, ଯୁବ କଂଗ୍ରେସ କର୍ମକର୍ତ୍ତା, ନେତୃବୃନ୍ଦ ଓ କର୍ମୀ, ମହିଳା କଂଗ୍ରେସ ସଭାପତି ଓ କର୍ମୀ ତଥା ଛାତ୍ର କଂଗ୍ରେସର ସମସ୍ତ କର୍ମକର୍ତ୍ତା ଓ କର୍ମୀ, ସେବାଦଳ, ଦଳିତ କଂଗ୍ରେସ, ସଂଖ୍ୟାଲଘୁ, ଆଇନ, କୃଷକ କଂଗ୍ରେସ, ଶ୍ରମିକ କଂଗ୍ରେସ, ଓବିସି ସେଲର ସଭାପତି ଓ କର୍ମକର୍ତ୍ତା ଏବଂ କର୍ମୀ ଯୋଗଦେବାକୁ ଜିଲା ସଭାପତି ମନୋଜ କୁମାର ରାଉତ ଅନୁରୋଧ କରିଛନ୍ତି।

## କେଡିଏମ୍ ଟୁର୍ନାମେଣ୍ଟ: ତାଳଜଙ୍ଗ, ଗଙ୍ଗାଧରପୁର ବିଜୟୀ

ଧର୍ମଶାଳା,୧୨।୧୨(ଡି.ଏନ.ଏ.)

କଳ୍ପତରୁ ଦାସ ମେମୋରିଆଲ(କେଡିଏମ୍) କ୍ରିକେଟ ଟୁର୍ନାମେଣ୍ଟର ରବିବାର ୨ଟି ପଡ଼ିଆରେ ଅନୁଷ୍ଠିତ ଜୋନାଲ୍ ମ୍ୟାଚରେ ତାଳଜଙ୍ଗ ଓ ଗଙ୍ଗାଧରପୁର ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଧର୍ମଶାଳା ବ୍ଲକ ଅଧୀନ ବାରକଣା ଖେଳପଡ଼ିଆରେ ଅନୁଷ୍ଠିତ ମ୍ୟାଚ୍‌ରେ ତାଳଜଙ୍ଗ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୭ ଉଇକେଟ ହରାଇ ୧୭୨ ରନ କରିଥିଲା। ଜବାବରେ ରେଖିଦେଇପୁର ଟିମ୍ ବ୍ୟାଟିଂ କରି ୧୩.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୪୩ ରନ୍ କରି ପରାସ୍ତ ହୋଇଥିଲା। ମ୍ୟାଚ୍‌କୁ ସୁବ୍ରତ ଜେନା ଓ ଅବିନାଶ ସାମଲ ପରିଚାଳନା କରିଥିଲେ। ସେହିପରି ଏହି ବ୍ଲକ ତରଞ୍ଜିଆରେ ଅନୁଷ୍ଠିତ ମ୍ୟାଚ୍‌ରେ ଥାନୁଆଳ ଟିମ୍‌କୁ ପରାସ୍ତ କରି ଗଙ୍ଗାଧରପୁର ବିଜୟୀ ହୋଇଛି। ଥାନୁଆଳ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭର ମଧ୍ୟରୁ ୧୪.୪ ଓଭରରେ ସମସ୍ତ ଉଇକେଟ ହରାଇ ୯୩ ରନ କରିଥିଲା। ଜବାବରେ ଗଙ୍ଗାଧରପୁର ଟିମ୍ ୬.୨ ଓଭରରେ ବିନା ଉଇକେଟ୍‌ରେ ୯୬ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌କୁ ଉତ୍ତମ ସାମଲ ଓ ଇନ୍ତେକାବ ଆଲମ୍ ପରିଚାଳନା କରିଥିଲେ। ଉଭୟ ମ୍ୟାଚ୍‌କୁ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ ଉଦ୍‌ଘାଟନ କରିଥିଲେ।

## ମା' ବିରଜା ଖବରକାଗଜ ବିତରକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ, ବିଧାୟକଙ୍କୁ କୃତଜ୍ଞତା

ଯାଜପୁର ଟାଉନ,୧୨।୧୨(ଡି.ଏନ.ଏ.)

ଖବରକାଗଜ ବିତରକଙ୍କ ସାମାଜିକ ସୁରକ୍ଷା ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରିଥିବାରୁ ଯାଜପୁର ଜିଲା ସଦର ମହକୁମାରେ କାର୍ଯ୍ୟରତ ମା' ବିରଜା ଖବରକାଗଜ ବିତରକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏହିକ୍ରମରେ ଯାଜପୁରଠାରେ ବିଧାୟକ ଦାସଙ୍କୁ ସଂଘ ପକ୍ଷରୁ ଏକ ପ୍ରତିନିଧି ଦଳ ସାକ୍ଷାତ୍ କରି ଧନ୍ୟବାଦ ଜଣାଇଛନ୍ତି। ଏଥିରେ ସଂଘ କର୍ମକର୍ତ୍ତା ବଜେନ୍ଦ୍ର ମାଝୀ, ରମାକାନ୍ତ ସାହୁ, ଅନନ୍ତ ପୃଷ୍ଟି, ଜ୍ଞାନେନ୍ଦ୍ର ମିଶ୍ର, ଭ୍ରମରବର ସୁତାର, ପ୍ରକାଶ ମାଝି, ନାରାୟଣ ସେଠୀ, ଗୋବର୍ଦ୍ଧନ ମହାପାତ୍ର, ସରୋଜ ମିଶ୍ର, ଶରତ ସାହୁ, ସୁରେନ୍ଦ୍ର ଜେନା, କୈଳାସ ଚନ୍ଦ୍ର ଜେନା, ଶମ୍ଭୁନାଥ ବେହୁରା, ବଂଶୀଧର ସେଠୀ, କୃଷ୍ଣଚନ୍ଦ୍ର ଜେନା, ପ୍ରଫୁଲ୍ଲ ସେନାପତି, ବିଦ୍ୟାଧର ସାହୁ, କମ୍ଭୁନାଥ ପରମାଣିକ, ବିଷ୍ଣୁଚରଣ ଜେନା, ବାବୁଲି ଜେନା, ଗୋଲଖି ଚନ୍ଦ୍ର ଜେନା ଓ ପ୍ରକାଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ।


ବିଧାୟକଙ୍କୁ ଭେଟୁଛନ୍ତି ଖବରକାଗଜ ବିତରକ ସଂଘ କର୍ମକର୍ତ୍ତା।

## ଟାଟା ମେଡିକା ହସ୍ପିଟାଲ୍‌ରେ ନୂଆ ଆଇସିୟୁ ବ୍ଲକ

କଳିଙ୍ଗନଗର,୧୨।୧୨(ଡି.ଏନ.ଏ.)

କଳିଙ୍ଗନଗରସ୍ଥିତ ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲ୍‌ରେ ନୂଆ ଆଇସିୟୁ ବ୍ଲକ୍ ଉଦ୍‌ଘାଟିତ ହୋଇଛି। ଏହି ବ୍ଲକ୍‌ରେ ୩୫ଟି ଅତିରିକ୍ତ ଆଇସିୟୁ ଶଯ୍ୟା, ଏକ ମାତୃ ଓ ଶିଶୁ ଯତ୍ନ ୟୁନିଟ୍ ସହ ନିଓନାଟାଲ୍ ଇନ୍‌ଟେନ୍‌ସିଭ୍ କେୟାର୍ ଏବଂ ଫଟୋଥେରାପି ବ୍ୟବସ୍ଥା ରହିଛି। ଏହି ବ୍ୟବସ୍ଥାକୁ ଟାଟା ଷ୍ଟିଲ୍ କର୍ପୋରେଟ୍ ସେବା ଉପସଭାପତି ଚାଣକ୍ୟ ଚୌଧୁରୀ ଉଦ୍‌ଘାଟନ କରି କହିଛନ୍ତି, ଏହି ଆହ୍ୱାନପୂର୍ଣ୍ଣ ସମୟରେ ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲ୍ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା ପ୍ରଦାନ କରିବାକୁ ଉଦ୍ୟମ କରୁଛି। ଉତ୍ସର୍ଗୀକୃତ ମେଡିକାଲ୍ ପେସାଦାର ଓ ଟେକ୍ନିସିଆନ୍‌ଙ୍କ ସହିତ ନୂଆ ଆଇସିୟୁ ହେଉଛି ହସ୍ପିଟାଲ୍‌ର ଏକ ସ୍ୱାଗତଯୋଗ୍ୟ ଯୋଗଦାନ ଏବଂ ଏହା ସମାଜ ପ୍ରତି ବଡ଼ ଲାଭ ପ୍ରଦାନ କରିବ।



ଅତିଥି ଆଇସିୟୁ ବ୍ଲକ୍‌କୁ ଉଦ୍‌ଘାଟନ କରୁଛନ୍ତି।

କୋଭିଡ୍ ମୁକାବିଲାରେ ଓଡ଼ିଶା ସରକାରଙ୍କ ଉଦ୍ୟମ ପ୍ରତି ହସ୍ପିଟାଲ୍ ପକ୍ଷରୁ ପ୍ରତ୍ୟକ୍ଷ ସହଯୋଗ ପ୍ରଦାନ କରାଯାଇଥିଲା। ଜିଲା ପ୍ରଶାସନ ସହଯୋଗରେ ହସ୍ପିଟାଲ୍ ପକ୍ଷରୁ ସ୍ଥାପନ କରାଯାଇଥିବା ଟାଟା ଷ୍ଟିଲ୍ ମେଡିକା କୋଭିଡ୍-୧୯ ହସ୍ପିଟାଲ୍ ୨୦୨୦ ପରଠାରୁ କାର୍ଯ୍ୟକ୍ଷମ ହୋଇଛି। ରାଜ୍ୟ ସରକାରଙ୍କ ଦ୍ୱାରା କୋଭିଡ୍ ହସ୍ପିଟାଲ୍‌ର ମାନ୍ୟତା ପାଇଥିବା ଏହି ବ୍ୟବସ୍ଥା ଯାଜପୁର ଓ ଆଖପାଖ ଜିଲାର ଗମ୍ଭୀର ରୋଗୀଙ୍କ ସମେତ କୋଭିଡ୍-୧୯ ରୋଗୀଙ୍କୁ ନିରବଚ୍ଛିନ୍ନ ଚିକିତ୍ସା ସେବା ଯୋଗାଇ ଦେଉଛି ବୋଲି ସେ ପ୍ରକାଶ କରିଛନ୍ତି। ତେବେ ଭେଣ୍ଟିଲେଟର୍ ସୁବିଧା ଥିବା ୫୦ଟି ଆଇସିୟୁ ଶଯ୍ୟା ସହ ଏହି ହସ୍ପିଟାଲ୍ ଏବେ ମୋଟ୍ ୨୦୦ ଶଯ୍ୟାବିଶିଷ୍ଟ ବ୍ୟବସ୍ଥାରେ ପରିଣତ ହୋଇଛି।

**ସଂକ୍ଷେପରେ**

## ଗମ୍ଭାରିଡିହି ସରପଞ୍ଚଙ୍କୁ ଆକ୍ରମଣ, ଅଭିଯୁକ୍ତ ଜେଲଗଲେ

**ନୟାଗଡ଼ ଅଫିସ,୧୨।୧୨:** ଇଟାମାଟି ଥାନା ନୟାଗଡ଼ ବ୍ଲକ ଗମ୍ଭାରିଡିହି ପଞ୍ଚାୟତରେ ସରପଞ୍ଚଙ୍କୁ ଆକ୍ରମଣ ଓ ପଞ୍ଚାୟତ ଆବସବାବପତ୍ର ଭଙ୍ଗାରୁଜା ଘଟଣାରେ ପୋଲିସ ଫାସିପଡାର ଲକ୍ଷ୍ମୀଧର ପରିଡ଼ା(୨୭)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ଲକ୍ଷ୍ମୀଧରଙ୍କୁ ନୟାଗଡ ସବ୍‌ଜେଲକୁ ପଠାଇ ଦିଆଯାଇଛି । ସେପ୍ଟେମ୍ବର ୨ ରେ ୪ଜଣ ଯୁବକ ପଞ୍ଚାୟତ କାର୍ଯ୍ୟାଳୟରେ ପଶି ସରପଞ୍ଚଙ୍କୁ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରି ଆକ୍ରମଣ କରଥିଲେ। ଦୁର୍ବୃତ୍ତଙ୍କ ମାଡରେ କୃଷ୍ଣାଦେଇପୁର ଗାଁର ସରପଞ୍ଚ ଦିବକାର ମିଶ୍ର ଆହତ ହୋଇଥିଲେ । ପୁଣି ସରପଞ୍ଚଙ୍କ ପୁଅ ସୌମେଶଙ୍କୁ ମଧ ଆକ୍ରମଣ ହୋଇଥିଲା । ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୧୨୭/୨୧)ରୁଜୁ କରି ତଦନ୍ତ କରୁଥିଲା । ଏହି ଘଟଣାରେ ୨ ଜଣ ଗିରଫ ହୋଇ ଜାମିନ ପାଇ ସାରିଛନ୍ତି ।

## ଆକ୍ରମଣରେ ଶାଳକ ଆହତ

**ନୟାଗଡ଼ ଅଫିସ,୧୨।୧୨:** ଇଟାମାଟି ଥାନା ଲାଠିପଡ଼ା ପାଇକସାହିରେ ସମ୍ପର୍କୀୟ ଭିଣୋଇଙ୍କ ଛୁରାମାଡରେ ନାବାଳକ ଶାଳକ ଆଲୋକ ଜେନା(୧୬) ଆହତ ହୋଇଛନ୍ତି। ଶାଳକ ଓ ଭିଣୋଇଙ୍କ ପରିବାର ମଧରେ ପୂର୍ବ ଶତ୍ରୁତା ଥିଲା । ରବିବାର ଭିଣୋଇ ଗୁରୁବାରୀ ମଙ୍ଗରାଜ(୩୦) ଛୁରିରେ ତାଙ୍କୁ ଆକ୍ରମଣ କରି ଫେରାର ହୋଇ ଯାଇଛନ୍ତି । ଶାଳକଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଏ ସଂକ୍ରାନ୍ତରେ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୨୦୧/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

## ଗଞ୍ଜାମରେ କେନ୍ଦ୍ରୀୟ ଟିମ୍‌ଙ୍କ କ୍ଷୟକ୍ଷତି ଆକଳନ ଆଜି

**ଛତ୍ରପୁର,୧୨।୧୨(ଡି.ଏନ.ଏ.):** ଜୱାଦ ପ୍ରଭାବରୁ ଲଘୁଚାପ ଜନିତ ବର୍ଷାରେ ଗଞ୍ଜାମ ଜିଲାରେ ହୋଇଥିବା ଧାନ ଓ ରବି ଫସଲ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ଏହାର ଆକଳନ ପାଇଁ ରବିବାର ୨ ଜଣିଆ କେନ୍ଦ୍ରୀୟ ଟିମ୍ ଆସି ପହଞ୍ଚିଛନ୍ତି । ସୋମବାର ଜିଲାର ଛତ୍ରପୁର, ଖଲ୍ଲିକୋଟ, ରଙ୍ଗେଇଲୁଣ୍ଡା ବ୍ଲକ ଗସ୍ତରେ ଯାଇ ହୋଇଥିବା ଫସଲ କ୍ଷୟ କ୍ଷତି ଆକଳନ କରିବେ ବୋଲି ଜଣାପଡିଛି ।

## ଗହଣା ଭର୍ତ୍ତି ବ୍ୟାଗ୍ ଚୋରି

**ବ୍ରହ୍ମପୁର ଅଫିସ,୧୨।୧୨:** ବ୍ରହ୍ମପୁର ଟାଉନ୍ ଥାନା ଅନ୍ତର୍ଗତ ଧର୍ମନଗରସ୍ଥିତ ଏକ କଲ୍ୟାଣ ମଣ୍ଡପରେ ଶନିବାର ରାତିରେ ଏକ ବାହାଘର ଚାଲିଥିଲା। ଏହି ସମୟରେ ବେଦୀ ନିକଟରୁ ବୋହୂ ପାଇଁ ଅଣାଯାଇଥିବା ସୁନା, ଅଳଙ୍କାର ଭର୍ତ୍ତି ବ୍ୟାଗ୍ ଚୋରି ହୋଇଥିଲା। ଏ ନେଇ ପୁଅଙ୍କ ବାପା ତଥା ଅବସରପ୍ରାପ୍ତ ପୋଲିସ ଅଧିକାରୀ ରବି ଚୌଧୁରୀ ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ନଂ.୨୬୭/୨୧ରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସିସି କ୍ୟାମେରା ଯାଞ୍ଚ ପରେ ଜଣେ ଯୁବକ ଭ୍ୟାନିଟି ବ୍ୟାଗ୍ ନେଇ ଯାଉଥିବା ଦେଖିବାକୁ ମିଳିଥିଲା। ପୋଲିସ ସମ୍ପୃକ୍ତ ଯୁବକକୁ ଚିହ୍ନଟ କରି ଥାନାରେ ଅଟକ ରଖିଥିବା ଜଣାପଡ଼ିଛି।

# ହାତୀପଲ ଉଜାଡ଼ିଲେ ଧାନ ଫସଲ

- ଚାଷୀଙ୍କ ପିଛା ଛାଡୁନି ଦୁର୍ଦ୍ଦଶା
- ଅଭିଯୋଗ ପରେ ବି ମିଳୁନି କ୍ଷତି ପୂରଣ

**ନୂଆଗାଁ,୧୨।୧୨ (ଡି.ଏନ.ଏ.)**


ହାତୀ ଉଜାଡ଼ି ଦେଇଥିବା ଧାନ ଫସଲ ।

ସେତେ ଯେମିତି ଚାଷୀଙ୍କ ପିଛା ଛାଡୁନି ଦୁର୍ଦ୍ଦଶା । କେତେବେଳେ ବର୍ଷା ନ ହେବା ଦୁଃଖ ତ ଆଉ କେତେବେଳେ ଲଗାଣ ବର୍ଷା ଯୋଗୁ ଫସଲ ଉଜୁଡିବା ଚିନ୍ତା ଚାଷୀଙ୍କୁ ଘାରିଛି । ଅଧିକାଂଶ ସମୟରେ ବାଘ୍ହା ଓ ହାତୀ ଫସଲ ଉଜାଡି ଦେଉଛନ୍ତି। ଶନିବାର ରାତିରେ ଚଡ଼କମରା ଧାନ ଗହିରରେ ହାତୀ ପଲ ପଶି ୪ ଏକରରୁ ଉର୍ଦ୍ଧ୍ୱ ଫସଲ ନଷ୍ଟ କରିଦେଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଗୋଟିକ ପରେ ଗୋଟିଏ ଦୁର୍ଦ୍ଦଶା ଚାଷୀକୁଳର ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଇଛି ।

କରୋନା କଟକଣା ଯୋଗୁ ଚାଷୀମାନେ ଗତ ୨ ବର୍ଷ ହେବ କ୍ଷତି ସହି ଆସିଛନ୍ତି । ତଥାପି ଚଳିତ ବର୍ଷ ସେହି କ୍ଷତିର ଭରଣା କରିବାକୁ ଆଶା ରଖିଥିଲା ଚାଷୀ । କିନ୍ତୁ ଲଗାଣ ବର୍ଷାରେ ପାଚିଲା ଧାନ ବିଲ ପାଣିରେ ବୁଡି ରହିଛି । ପାଗ ଶୁଖିଲା ହେଲେ ସେହି ଧାନକୁ କାଟି ଚାଷୀ ଘରକୁ ଆଣିବାର ଲକ୍ଷ୍ୟ ରଖିଛି । କିନ୍ତୁ ହାତୀ ପଲ ବିଲରେ ପଶି ଦଳିଚକଟି ପାଚିଲା ଧାନ ନଷ୍ଟ କରିବା ଘଟଣା ଚାଷୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଛି । ନୂଆଗାଁ ବ୍ଲକ ମହିପୁର ବନାଞ୍ଚଳ ଚଡକମରା ଗ୍ରାମର ଚାଷୀମାନେ ହାତୀପଲଙ୍କ ଦ୍ୱାରା କ୍ଷତି ହୋଇଥିବା ଫସଲକୁ ଦେଖି ଭାଙ୍ଗି ପଡିଛନ୍ତି। ହାତୀପଲ ଗାଁ ନିକଟକୁ ଆସିଲେ କିମ୍ବା ଫସଲ ନଷ୍ଟ କଲେ ଗ୍ରାମବାସୀଙ୍କ ସହ ମିଶି ବନ ବିଭାଗ କର୍ମଚାରୀମାନେ ହାତୀ ଘଉଡାଇବାର ନିୟମ ରହିଛି । ହେଲେ ବନ କର୍ମଚାରୀମାନେ ତାହା କରୁ ନାହାନ୍ତି । ଅଭିଯୋଗ କରାଗଲେ କେବଳ ଗାଁକୁ ଆସି ଗ୍ରାମବାସୀଙ୍କ ସହ ଆଲୋଚନା କରି ଫେରି ଯାଉଛନ୍ତି। ପ୍ରତିବର୍ଷ ହାତୀପଲ ଧାନ ଫସଲ ନଷ୍ଟ କରୁଥିଲେ ମଧ୍ୟ ବନ ବିଭାଗ ତରଫରୁ କୌଣସି କ୍ଷତି ପୂରଣ ଦିଆଯାଉ ନ ଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଏ ସଂକ୍ରାନ୍ତରେ ମହିପୁର ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡା କହିଛନ୍ତି, ଆଗରୁ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ମିଳି ଥିଲା କି ନାହିଁ ସେ ବାବଦରେ ମୁଁ କହି ପାରିବି ନାହିଁ । କିନ୍ତୁ ଚଳିତ ବର୍ଷ ଆମେ କ୍ଷୟକ୍ଷତିର ଆକଳନ କରି କ୍ଷତି ପୂରଣ ନିଶ୍ଚିତ ଦେବୁ ବୋଲି ସେ ପ୍ରତଶ୍ରୁତି ଦେଇଛନ୍ତି ।

# କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ନୟାଗଡ଼ ଅଫିସ,୧୨।୧୨**

ନୟାଗଡ଼ ଜିଲା ଭାପୁର ବ୍ଲକ ଫତେଗଡ଼ ନାଲିସାଗର ଖେଳ ପଡିଆରେ ରାଜ୍ୟସ୍ତରୀୟ ୧୨ ତମ ସଦାଶିବ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଢେଙ୍କାନାଳ ସ୍ପୋର୍ଟିଂ ୬ ରନରେ କଳିଙ୍ଗ ଟାଇଗର୍ସ ଖୋର୍ଦ୍ଧାକୁ ପରାସ୍ତ କରି ବିଜୟୀ ହୋଇଛି । ମୁଖ୍ୟଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ ଲୋକନାଥ ଆଚାର୍ଯ୍ୟ, ସମ୍ମାନୀତ ଅତିଥି ଭାବେ ବୈକୁଣ୍ଠନାଥ ସାହୁ, ଯୁଧିଷ୍ଠିର ଖୁଣ୍ଟିଆ ଯୋଗ ଦେଇଥିଲେ। ଉଦ୍‌ଘାଟନ ମ୍ୟାଚ୍‌ରେ କଳିଙ୍ଗ ଟାଇଗର୍ସ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ। ଢେଙ୍କାନାଳ ସୁପର ଷ୍ଟାର ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟ ହରାଇ ୧୭୪ ରନ କରିଥିଲା । ଜବାବରେ କଳିଙ୍ଗ ଟାଇଗର୍ସ ୨୫ ଓଭରରେ ସମସ୍ତ ଉଇକେଟ ହରାଇ ୧୬୮ ରନ କରି ପରାସ୍ତ ହୋଇଥିଲା । ବିଜୟୀ ଢେଙ୍କାନାଳ ଦଳର ତନ୍ମୟ ମହାନ୍ତି ୩୫ବଲରେ ୯ଟି ଚୌକା ଓ ଗୋଟିଏ ଛକା ମାରି ୬୦ ରନ୍ କରି ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ । ସୋମବାର ମ୍ୟାଚ୍ ରାଇଜିଂ ଷ୍ଟାର କୁମାରବସ୍ତ ଓ ଷ୍ଟାଟସ ଟିମ୍, ଜଟଣୀ ମଧରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ଅନୁଷ୍ଠାନ ଫତେଗଡ଼ ଯୁବକ ସଂଘ ସଭାପତି ବେଣୁଧର ପ୍ରଧାନ କହିଛନ୍ତି ।


ଅତିଥିମାନେ ପ୍ରଦୀପ ଜାଳି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି ।

## ପାଲାଗାୟକ ମଣ୍ଡଳ କାର୍ଯ୍ୟକାରୀ କମିଟି ବୈଠକ

**ନୟାଗଡ଼ ଅଫିସ,୧୨।୧୨**

ଅଖଣ୍ଡ ପୁରୀ ଜିଲା ପାଲାଗାୟକ ପରିଷଦର କାର୍ଯ୍ୟକାରୀ କମିଟି ବୈଠକ ରବିବାର ନୟାଗଡ଼ରେ ଅନୁଷ୍ଠିତ ହୋଇଯାଇଛି । ଉପସଭାପତି ମନୋଜ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ନୟାଗଡ଼ ଜିଲା ମା' ଦକ୍ଷିଣକାଳୀ ଚନ୍ଦ୍ରଶେଖର ପାଲା ଗାୟକ ମଣ୍ଡଳର କାର୍ଯ୍ୟକାରୀ କମିଟି ବୈଠକ ଓ କବିତା ଆସର ଅନୁଷ୍ଠିତ ହୋଇଥିଲା । ମଣ୍ଡଳ ଗାୟକ, ବାୟକ, ପାଳିଆମାନେ ଏଥିରେ ଯୋଗଦେଇ ରୀତିଯୁଗୀୟ କବି କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, ଭକ୍ତକବି ଦୀନକୃଷ୍ଣ ଦାସ, ଉତ୍କଳଘଣ୍ଟ ଯଦୁମଣି ମହାପାତ୍ର, କବିସୂର୍ଯ୍ୟ ବଳଦେବ ରଥ ପ୍ରମୁଖଙ୍କ ସ୍ମୃତିଚାରଣ କରିଥିଲେ । ଅନ୍ୟପକ୍ଷେ ସେମାନଙ୍କ ଦ୍ୱାରା ରଚିତ ବିଭିନ୍ନ ଛାନ୍ଦ, ଚମ୍ପୂ, ଚଉତିଶାକୁ ନେଇ ଏକ କବିତା ଆସର ଆୟୋଜନ କରାଯାଇଥିଲା । କରୋନା ମହାମାରୀ ଯୋଗୁ ନୟାଗଡ଼ ଜିଲାର ଶତାଧିକ ପାଲା କଳାକାର ସେମାନଙ୍କ ରୋଜଗାର ହରାଇ ଅଭିଶପ୍ତ ଜୀବନ ବିତାଉଛନ୍ତି । ଆଗଭଳି ଆଉ ଗାଁ ଗଣ୍ଡାରେ ପାଲା ହେଉ ନ ଥିବାରୁ ବଞ୍ଚିବା କାଠିକର ପାଠ ହୋଇଛି ବୋଲି ପାଲାଗାୟକମାନେ କହିଥିଲେ। ରାଜ୍ୟ ପାଲା ଗାୟକ ପରିଷଦ ତରଫରୁ ଡିସେମ୍ବର ୨୨ରେ ଭୁବନେଶ୍ୱର ରାଜଭବନ ସମ୍ମୁଖରେ ପ୍ରତିବାଦ ସଭା ଓ ଧାରଣା ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ସମସ୍ତ ପାଲା କଳାକାର ଯୋଗଦେବାକୁ ଅନୁରୋଧ କରାଯାଇଛି ।

## ନୟାଗଡ଼ରେ ସ୍ମୃତିଚାରଣ ସଭା

**ନୟାଗଡ଼ ଅଫିସ,୧୨।୧୨**

ନୟାଗଡ଼ରେ ଭାରତର ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ତଥା ନୟାଗଡ଼ ମାଟିର ସୁଯୋଗ୍ୟ ସନ୍ତାନ ଓ ବୈଜ୍ଞାନିକ ପଦ୍ମଭୂଷଣ ତ୍ରିଲୋଚନ ପ୍ରଧାନ, ପଦ୍ମଶ୍ରୀ ନନ୍ଦ ସାର୍ ଓ ସିଡିଏସ୍ ବିପିନ ରାୱତଙ୍କ ସମେତ ୧୨ ଜଣ ଶହୀଦଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତି ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ସୋହମ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ବିଦ୍ୟାଧର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଙ୍ଗଠନ ସମ୍ପାଦକ କାମାକ୍ଷା ପ୍ରସାଦ ଦାଶ ବୈଜ୍ଞାନିକ ପ୍ରଧାନଙ୍କ ପଦାର୍ଥ ବିଜ୍ଞାନରେ କୃତୀ ଓ ପରିଚୟ, ପଦ୍ମଶ୍ରୀ ନନ୍ଦ ସାର୍‌ଙ୍କୁ ନୂତନ ଚାଟଶାଳୀ ଶିକ୍ଷାର ପୁରୋଧା ଓ ଜେନେରାଲ ବିପିନ ରାୱତଙ୍କୁ ଭାରତର ବିଶିଷ୍ଟ ସେନାପତି ରୂପେ ବର୍ଣ୍ଣନା କରିଥିଲେ । ସାମାଜିକ କର୍ମୀ ଚରଣ ଗୁରୁ, ପ୍ରକାଶ କୁମାର ନାୟକ, ରବୀନ୍ଦ୍ର କୁମାର ନାୟକ , ବାପିନା ନାୟକ ପ୍ରମୁଖ ଏହି ସଭାରେ ଯୋଗଦେଇଥିଲେ ।

# ଏବିଭିପି ପକ୍ଷରୁ ପ୍ରତିଭା ସଙ୍ଗମ କାର୍ଯ୍ୟକ୍ରମ


ପ୍ରତିଭା ସଙ୍ଗମ କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ସଦସ୍ୟମାନେ ।

**ଖଣ୍ଡପଡ଼ା,୧୨।୧୨(ସ୍ୱ.ପ୍ର.)**

ଖଣ୍ଡପଡ଼ା ଶିଳ୍ପ ତାଲିମ ଅନୁଷ୍ଠାନ ପରିସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଜିଲାସ୍ତରୀୟ ପ୍ରତିଭା ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାର ବିକାଶ ନିମନ୍ତେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ରାଷ୍ଟ୍ରୀୟ କଳାମଞ୍ଚ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ।

ଏକକ ସଙ୍ଗୀତ, ନୃତ୍ୟ, ଗ୍ରୁପ୍ ଡ୍ୟାନ୍ସ,ନାଟକ, ରଙ୍ଗୋଲି ଓ ଚିତ୍ରାଙ୍କନ ସହ ସ୍ୱରଚିତ କବିତା ଆବୃତି ପରି ପ୍ରତିଯୋଗୀତାମାନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଏବିଭିପି ପକ୍ଷରୁ ବିଜୟ ପ୍ରଧାନ, ଶିବ ନାରାୟଣ ଦାସ, ଆରଏସଏସର ନୟାଗଡ଼ ଜିଲା ଧର୍ମ ଜାଗରଣ ପ୍ରମୁଖ ଜିତେନ୍ଦ୍ର କାଟିଆ, ଖଣ୍ଡପଡା ନଗର ସଭାପତି କାଶୀନାଥ ପ୍ରଧାନ, ଜିଲା ପ୍ରମୁଖ ପରମେଶ୍ୱର ମହାନ୍ତି, ଜିଲା ସଂଯୋଜକ ବୃନ୍ଦାବନ ପ୍ରଧାନ ପ୍ରମୁଖ ବିଚାରକମଣ୍ଡଳୀ ଭାବେ ଯୋଗ ଦେଇଥିଲେ। ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ୩ୟ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରୀଛାତ୍ରମାନେ ଆସନ୍ତା ମାସରେ ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ବୋଲି ଏବିଭିପିର କର୍ମକର୍ତ୍ତା କହିଛନ୍ତି ।

## ନୀଳମାଧବ ମହାବିଦ୍ୟାଳୟରେ ସ୍ମୃତି ସଭା

**ଖଣ୍ଡପଡ଼ା,୧୨।୧୨ (ସ୍ୱ.ପ୍ର.)**

କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ପରିସରରେ ଶନିବାର ମହାମନିଷିମାନଙ୍କ ବିୟୋଗରେ ଏକ ସ୍ମୃତି ସଭା ଅଧକ୍ଷ ଶରତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅନୁଷ୍ଠାନର ଅଧାପିକା, ଅଧାପକ, କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଯୋଗଦେଇ । ପଦାର୍ଥ ବିଜ୍ଞାନୀ ପ୍ରଫେସର ଡ.ତ୍ରିଲୋଚନ ପ୍ରଧାନ, ତିନି ସେନାର ମୁଖ୍ୟ ଜେନେରାଲ ବିପିନ ରାୱତ୍ ଓ ୧୧ ସହଯୋଗୀ ଯବାନ ଏବଂ ନିକଟରେ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ନନ୍ଦ ସାରଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା । ଉକ୍ତ ସଭାରେ ଦିବଂଗତ ମହାମନିଷୀମାନଙ୍କ କୃତୀ ସମ୍ପର୍କରେ ଆଲୋଚନା କରାଯାଇଥିଲା ।

# ଓଡ଼ଗାଁରେ ସ୍ୱାସ୍ଥ୍ୟ ସେବା ଶିବିର, ୫ହଜାରରୁ ଉର୍ଦ୍ଧ୍ୱ ରୋଗୀ ଉପକୃତ

**ଓଡ଼ଗାଁ, ୧୨।୧୨ (ସ୍ୱ.ପ୍ର.)**

ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟ ପରିସରରେ ରବିବାର ଏକ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୨୦ରୁ ଉର୍ଦ୍ଧ୍ୱ ଡାକ୍ତର ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ମାଗଣା ଔଷଧ ପ୍ରଦାନ କରିଥିଲେ । ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅରୁଣ କୁମାର ସାହୁ, ଜିଲାପାଳ ଡ. ପୋମା ଟୁଡୁ, ତହସିଲଦାର ବିଜୟିତା ସାମନ୍ତସିଂହାର, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସ୍ୱାତୀ ମିଶ୍ର, ବିଡିଓ ସ୍ୱାତିଲେଖା ଦାସ, କଲେଜ ଅଧକ୍ଷ ମହମ୍ମଦ ଓମାର ମଲିକ ପ୍ରମୁଖ ସମସ୍ତ କାର୍ଯ୍ୟର ତଦାରଖ କରିଥିଲେ । ଏହି ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ କରୋନା ଆଣ୍ଟିଜେନ ଟେଷ୍ଟ, ମଧୁମେହ ପରୀକ୍ଷା ଆଦି କରାଯାଇଥିଲା। ଆବଶ୍ୟକସ୍ଥଳେ ଶତାଧିକ ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ନିମନ୍ତେ ଅନ୍ୟତ୍ର ରେଫର କରାଯାଇଥିଲା । ସଂପୃକ୍ତ ରୋଗୀଙ୍କୁ ବିଜୁ ସ୍ୱାସ୍ଥ୍ୟ କାର୍ଡ ଜରିଆରେ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା ।


ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଶିବିରକୁ ଆସିଥିବା ରୋଗୀମାନେ ଅପେକ୍ଷା କରିଛନ୍ତି ।

## ଅଭିଯୁକ୍ତ ଗିରଫ, ବାଇକ୍ ଜବତ

**ବ୍ରହ୍ମପୁର ଅଫିସ,୧୨।୧୨**

ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ଫାଷ୍ଟଗେଟ ବାଲ୍ୟ ଠାକୁରାଣୀ ମନ୍ଦିର ରାସ୍ତାରେ ଜଣେ ବୃଦ୍ଧଙ୍କୁ ମାଡ଼ ମାରି ସୁନା ଓ ଟଙ୍କା ଲୁଟ୍ ଘଟଣାରେ ପୋଲିସ ଦୁଇଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଶେରଗଡ଼ ଥାନା ବଡ଼ଗଡ଼ର ଲକ୍ଷ୍ମଣ ପଣ୍ଡା ଓ ଗୋଳନ୍ଥରା ଥାନା ଡୁଳୁ ରୋଡ଼ର କେ. ପ୍ରଭାସ କୁମାର ଆଚାରୀ। ପୋଲିସ ଲୁଟ୍ ସୁନା ଚେନ୍ ଓ ଘଟଣାରେ ବ୍ୟବହୃତ ବାଇକ୍ ଜବତ କରିଛି। ଲକ୍ଷ୍ମଣଙ୍କ ନାମରେ ଭୁବନେଶ୍ୱର ଓ ବ୍ରହ୍ମପୁରରେ ଏକାଧିକ ମାମଲା ରହିଥିବା ପୋଲିସ କହିଛି।

# କର୍ତ୍ତୃପକ୍ଷଙ୍କ ପ୍ରତିଶ୍ରୁତିରେ କାମ ଆରମ୍ଭ

**ଖଣ୍ଡପଡ଼ା,୧୨।୧୨(ସ୍ୱ.ପ୍ର.)**

**ଗ୍ରାମବାସୀଙ୍କ ବହୁ ବର୍ଷର ଦାବି ପୂରଣ ହେଲା**

ଭାପୁର ବ୍ଲକ ଅଧିନ ପଥରଚକଡା ପଞ୍ଚାୟତର ୩ଟି ୱାର୍ଡ ବାସିନ୍ଦା ଦୀର୍ଘ ବର୍ଷରୁ ପାନୀୟ ଜଳ ମୁନ୍ଦେ ପାଇବାରୁ ବଞ୍ଚିତ ହୋଇଥିଲେ । ବାରମ୍ବାର ଅଭିଯୋଗ ପରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ପ୍ରତିଶ୍ରୁତି ଶନିବାରଠାରୁ କାର୍ଯ୍ୟ ଆରମ୍ଭ ହୋଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି । ପ୍ରକାଶ ଥାଉକି, ପଥରଚକଡା ପଞ୍ଚାୟତର ୧୦,୧୧ ଓ ୧୩ ନଂ. ୱାର୍ଡ ହରିଜନ ସାହି, ତିଅରସାହି ଏବଂ ମୁଣ୍ଡିଆ ଉପର ସାହିର ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ବାସିନ୍ଦା ପାନୀୟ ଜଳ ମୁନ୍ଦେ ପାଉ ନ ଥିବାରୁ ପଂଚାୟତ ବୈଠକରେ ଅଭିଯୋଗ କରିଥିଲେ । ସରପଞ୍ଚ ତ୍ରିନାଥ ମୁଦୁଲି ଏଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କର୍ତ୍ତୃପକ୍ଷଙ୍କୁ ଅବଗତ କରି ଆସୁଥିଲେ । ଏ ସମ୍ପର୍କରେ ନୟାଗଡ଼ ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ନିର୍ବାହୀଯନ୍ତ୍ରୀ ଇଂ. ଲକ୍ଷ୍ମୀଧର ବଳିୟାର ସିଂହଙ୍କୁ ଅବଗତ କରିବା ପରେ ନିଶ୍ଚିତ ରୁପେ ପାଇପ ବିଛା କାମ ଆରମ୍ଭ ହେବ ବୋଲି ଆମ ପ୍ରତିନିଧିଙ୍କୁ ସୂଚନା ଦେଇଥିଲେ ।

## ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

**ନୟାଗଡ଼ ଅଫିସ,୧୨।୧୨**

ବିମାନ ଦୁର୍ଘଟଣାରେ ଶହୀଦ ବୀର ଯବାନମାନଙ୍କ ଉଦ୍ଦେଶ୍ୟରେ ନୟାଗଡ଼ ସେବା ଉତ୍ସବ ସମିତି ଓ ୟୁଥ ଫର୍ ଆକ୍ସନ ମିଳିତ ଆନୁକୂଲ୍ୟରେ ଏକ ସ୍ମୃତିସଭା ନୟାଗଡ଼ ତ୍ରିନାଥ ଛକସ୍ଥିତ ଗାନ୍ଧୀ ପ୍ରତିମୂର୍ତ୍ତି ନିକଟରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ସ୍ମୃତିସଭାରେ ସିଡିଏସ୍ ବିପିନ ରାୱତଙ୍କ ସମେତ ଅନ୍ୟ ୧୨ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏହି ଅବସରରେ ପଦ୍ମଶ୍ରୀ ନନ୍ଦ ପୃଷ୍ଟି, ନୟାଗଡ଼ର ବରପୁତ୍ର ବୈଜ୍ଞାନିକ ତ୍ରିଲୋଚନ ପ୍ରଧାନ ଓ ସେବା ଉତ୍ସବ ସମିତିର ସ୍ୱେଚ୍ଛାସେବୀ କାହ୍ନାଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା । ସେବା ଉତ୍ସବ ସମିତି ଅଧ୍ୟକ୍ଷ ଶିବରାମ ମହାପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ ସଭାରେ ସାମାଜିକ କର୍ମୀ ଦାମୋଦର ସାହୁ, ୟୁଥ୍ ଫର୍ ଆକ୍ସନର ଜିଲା ଉପଦେଷ୍ଟା ସଞ୍ଜୟ କୁମାର ନାୟକ, ସନ୍ତୋଷ ପ୍ରଧାନ , ରାମକୃଷ୍ଣ ରଥ, କୃଷକ ନେତା ରଣଜିତ୍ ଦଳବେହେରା, ଜ୍ୟୋତିରଞ୍ଜନ ମହାପାତ୍ର, ସହଦେବ ଜେନା, ଉମେଶ ପାତ୍ର, ଚିନ୍ତାମଣି ବିଶ୍ୱାଳ ପ୍ରମୁଖ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ ।


ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ।

# ବିକ୍ରି ଚାଲିଛି ଅପମିଶ୍ରିତ, ନିମ୍ନମାନର ଖାଦ୍ୟ

**ନୟାଗଡ଼ ଅଫିସ,୧୨।୧୨**

- ଖାଦ୍ୟ ଥାଳିରେ ଜହର
- ସୁଆଦିଆ ଖାଦ୍ୟ ବଦଳରେ କିଣାଯାଉଛି ରୋଗ
- ଲଗାମ ନ ଥିବାରୁ ଚିନ୍ତାରେ ଗ୍ରାହକ

ନୟାଗଡ଼ ଜିଲାର ବିଭିନ୍ନ ଅଞ୍ଚଳରେ ଥିବା ହୋଟେଲ, ଢ଼ାବା, ରେଷ୍ଟୁରାଣ୍ଟ ଓ ଜଳଖିଆ ଦୋକାନରେ ସୁଆଦିଆ ଖାଦ୍ୟ ନାଁରେ ବାସି, ଅପମିଶ୍ରିତ ଓ ନିମ୍ନମାନର ଖାଦ୍ୟ ବିକ୍ରି ହେଉଛି । ଗ୍ରାହକମାନେ ଖାଦ୍ୟ ବଦଳରେ ଜହର ଖାଇ ରୋଗ କିଣୁଛନ୍ତି। ପ୍ରଶାସନର ଧରପଗଡ଼, ନମୁନା ସଂଗ୍ରହ ସନ୍ତୋଷଜନକ ହେଉ ନ ଥିବାରୁ ଅସାଧୁ ତଥା ଲାଭଖୋର ବ୍ୟବସାୟୀ ଗ୍ରାହକଙ୍କୁ ଲୁଟି ଚାଲିଛନ୍ତି ।

ଜିଲାରେ ପ୍ରତିଦିନ ନୂଆ ହୋଟେଲ, ଢ଼ାବା, ରେଷ୍ଟୁରାଣ୍ଟ ଓ ଜଳଖିଆ ଦୋକାନ ଖୋଲୁଛି । ଅଧିକାଂଶ ବନ୍ଦ ବି ହେଉଛି । ସେଥିରୁ କିଏ ସ୍ୱିକୃତୀପ୍ରାପ୍ତ ଓ କିଏ ଅଣସ୍ୱିକୃତୀପ୍ରାପ୍ତ ଜଣା ପଡୁନାହିଁ। ଜିଲାର ଭାପୁର, ଫତେଗଡ, ବାଇଗୁଣିଆ, ବାହାଡା, ରଣପୁର, ରାଜସୁନଖଳା, ଦର୍ପନାରାୟଣପୁର, ଚାନ୍ଦପୁର, ଡମସାହି,ଖଣ୍ଡପଡା, ଖଳିସାହି, କଣ୍ଟିଲୋ, ଓଡଗାଁ, ଶରଣକୁଳ, ଗୋଡିପଡା, କଜଳାଇପଲି, ମଗରବନ୍ଧ, ନୂଆଗାଁ, ବାହାଡାଖୋଲା, ମହିପୁର, ଦଶପଲା, ବାଣିଗୋଛା, ଗଣିଆ, ଛାମୁଣ୍ଡିଆ, ନୟାଗଡ, ଇଟାମାଟି, ପଣ୍ଡୁସର, ବାଲୁଗାଁ ଅଞ୍ଚଳରେ ରହିଥିବା ଅଧିକାଂଶ ହୋଟେଲ, ଢ଼ାବା ଓ ଜଳଖିଆ ଦୋକାନରେ ଅପମିଶ୍ରିତ ଓ କମ ଦାମର ତେଲ ଓ ଘିଅରେ ପ୍ରସ୍ତୁତ ଜଳଖିଆ ବିକ୍ରି କରାଯାଉଛି । ସେହିପରି ଫାଷ୍ଟଫୁଡ ଦୋକାନରେ ମଧ ଦୂଷିତ ଓ ଅପମିଶ୍ରିତ ଖାଦ୍ୟପଦାର୍ଥ ଅନୁରୂପ ଭାବେ ବିକ୍ରି ଚାଲିଛି । ନୟାଗଡ଼ ସହରରେ ୫ଟି ବଡହୋଟେଲ, ମଧମ ଧରଣର ୫ ହୋଟେଲ, ୮ରୁ ଉର୍ଦ୍ଧ୍ୱ ଛୋଟ ହୋଟେଲ, ୧୦ ରେଷ୍ଟୁରାଣ୍ଟ, ୧୫ରୁ ଉର୍ଦ୍ଧ୍ୱ ଫାଷ୍ଟଫୁଡ ଦୋକାନ ରହିଛି। ରାଜ୍ୟର ପ୍ରତ୍ୟେକ ଜିଲାରେ ନିଯୁକ୍ତ ଫୁଡ ସେଫ୍ଟି ଅଫିସର ସେମାନଙ୍କ ଅଞ୍ଚଳରେ ବିକ୍ରି ହେଉଥିବା ଖାଦ୍ୟର ପ୍ରକୃତମାନ ନିରୂପଣ ପାଇଁ ଏହାକୁ ପରୀକ୍ଷାଗାରକୁ ପଠାଇଥାନ୍ତି। ସେଠାରୁ ୪୦ଦିନ ମଧରେ ରିପୋର୍ଟ ମିଳିବାର ନିୟମ ରହିଛି। ଯଦି ଅପମିଶ୍ରଣ ଅଥବା ଦୂଷିତ ଖାଦ୍ୟ ବିକ୍ରି ହେଉଥିବା ପ୍ରମାଣଯୋଗ୍ୟ ରିପୋର୍ଟ ମିଳେ ତେବେ ସରକାରଙ୍କ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ନିୟମ ରହିଛି। କିନ୍ତୁ ଜିଲାରେ ଏହି ଆଇନ ଫାଇଲ ଭିତରେ ରହିଯାଇଛି। ଅଧିକାଂଶ ଦୋକାନରେ ଦୂଷିତ ପାଣି ପିଇବାକୁ ଦିଆଯାଉଛି। ବୁଲା ବିକାଳୀମାନେ ଦହିବରା, ଗୁପଚୁପ ଆଦି ନିମ୍ନମାନର ଖାଦ୍ୟପଦାର୍ଥ ଗାଁ ଓ ସହରର ବିଭିନ୍ନ ୱାର୍ଡରେ ବିକ୍ରି କରୁଛନ୍ତି ବୋଲି ଅଭିଯୋଗ ହୋଇଛି।

ଏନେଇ ଦଶପଲ୍ଲାର ତପସ୍ୱିନୀ ରାଉତ କୁହନ୍ତି, ବିଭିନ୍ନ କାମ ନେଇ ଲୋକମାନେ ଜିଲା ସଦର ମହକୁମା, ବ୍ଲକ ସଦର ମହକୁମା, ଏନଏସି/ମ୍ୟୁନିସିପାଲିଟି କାର୍ଯ୍ୟାଳୟ ସହ ବିଭିନ୍ନ ଅଫିସକୁ ଆସିଥାନ୍ତି । ଘରକୁ ଯାଇ ଖାଦ୍ୟ ଖାଇବା ସମ୍ଭବ ନୁହେଁ । ଏଣୁ ସେମାନେ ଖାଉଥିବା ଖାଦ୍ୟ କେତେ ନିରାପଦ ତାହା କେହି ଜାଣିବାକୁ ଚେଷ୍ଟା କରି ନ ଥାନ୍ତି । ଏଭଳିସ୍ଥଳେ ଫୁଡ୍ ସେଫ୍ଟି ଅଫିସର ଅଚାନକ ପରିଦର୍ଶନ, ଚଢ଼ାଉ ଜାରି ରଖିଲେ ବ୍ୟବସାୟୀମାନେ ଭୟଭୀତ ହୁଅନ୍ତେ । ସେପରି କିଛି କାର୍ଯ୍ୟାନୁଷ୍ଠାନ ନ ଥିବାରୁ ଅପମିଶ୍ରଣ, ନିମ୍ନମାନର ଓ ବାସି ଖାଦ୍ୟ ଲୋକେ ଖାଇବାକୁ ବାଧ୍ୟ ହେଉଛନ୍ତି। ଖାଦ୍ୟର ମାନ ସମ୍ପର୍କରେ ପାଟିତୁଣ୍ଡ କଲେ ସୁଫଳ ମିଳୁନି । ବରଂ ଗଣ୍ଡଗୋଳ ଓ ଉତ୍ତେଜନା ସୃଷ୍ଟି ହେଉଛି। ଗ୍ରାହକ ଖାଦ୍ୟର ମାନ ଭଲ ନୁହେଁ ଅଭିଯୋଗ କଲେ ମଧ୍ୟ ଶୁଣିବାକୁ କେହି ନାହାନ୍ତି । ଏ ସଂକ୍ରାନ୍ତରେ ଫୁଡ୍ ସେଫ୍ଟି ଅଫିସର ନିବେଦିତା ଭଟ କୁହନ୍ତି ଧରପଗଡ, ନମୁନା ସଂଗ୍ରହ ଜାରି ରହିଛି। କିଛି ନାମୀଦାମି ହୋଟେଲ ମାଲିକଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି । ଗ୍ରାହକ ସଚେତନ ହୋଇ ଅଭିଯୋଗ କଲେ କାର୍ଯ୍ୟାନୁଷ୍ଠାନ ନେବା ସହଜ ହୋଇଥାଏ । ହେଲେ କେହି ଲିଖିତ ଅଭିଯୋଗ କରୁ ନାହାନ୍ତି । ଆଗାମୀ ଦିନରେ ଚଢ଼ାଉକୁ ତ୍ୱରାନ୍ୱିତ କରାଯିବ ବୋଲି ସେ କହିଛନ୍ତି।